# NATIONAL NEWS BULLETIN (ODIA)
## 09th January - 2026
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କ ତିନିଦିନିଆ ଗୁଜରାଟ ଗସ୍ତ ଆସନ୍ତାକାଲିଠାରୁ ଆରମ୍ଭ ।

— ସନ୍ଧ୍ୟାରେ ସୋମନାଥ ମନ୍ଦିରରେ ଆୟୋଜିତ ଓଁକାର ମନ୍ତ୍ର ସମାରୋହରେ କରିବେ ଅଂଶଗ୍ରହଣ ।

- ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭର ପଥରେ ଅଗ୍ରସର ହେଉଛି ଭାରତ; କହିଲେ ପ୍ରତିରକ୍ଷା ମନ୍ତ୍ରୀ ।

- ସୃଜନଶୀଳ ବିଷୟବସ୍ତୁକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ କ୍ରିଏଟର୍ସ କର୍ଣ୍ଣର୍'ର ଶୁଭାରମ୍ଭ କଲେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ।

ଏବଂ

- ମହିଳା ପ୍ରିମିୟର ଲିଗ୍ ୨୦୨୬ର ଚତୁର୍ଥ ସଂସ୍କରଣର ପ୍ରଥମ ମ୍ୟାଚ୍‌ରେ ଆଜି ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ।

## ପି.ଏମ୍.

ପ୍ରଧାନମନ୍ତ୍ରୀ ଆସନ୍ତାକାଲିଠାରୁ ତିନିଦିନିଆ ଗୁଜରାଟ ଗସ୍ତରେ ଯିବେ । ଆସନ୍ତାକାଲି ସନ୍ଧ୍ୟାରେ ଶ୍ରୀ ମୋଦି ଗୁଜରାଟର ସୋମନାଥ ଗସ୍ତ କରି ଓଁକାର ମନ୍ତ୍ର ଜପ ସମାରୋହରେ ଅଂଶଗ୍ରହଣ କରିବା ସହିତ ସୋମନାଥ ମନ୍ଦିରରେ ଆୟୋଜିତ ଡ୍ରୋନ୍ ପ୍ରଦର୍ଶନୀ ମଧ୍ୟ ବୁଲି ଦେଖିବେ ।

ରବିବାର ଦିନ ପୂର୍ବାହ୍ନରେ ପ୍ରଧାନମନ୍ତ୍ରୀ ସୋମନାଥ ମନ୍ଦିର ରକ୍ଷା ଲାଗି ପ୍ରାଣବଳି ଦେଇଥିବା ଅଗଣିତ ଯୋଦ୍ଧାଙ୍କୁ ସମ୍ମାନ ଜଣାଇବା ନିମନ୍ତେ ଆୟୋଜିତ ଏକ ଶୋଭାଯାତ୍ରା 'ଶୌର୍ଯ୍ୟଯାତ୍ରା'ରେ ଅଂଶଗ୍ରହଣ କରିବେ । ଏହି ଯାତ୍ରାରେ ୧୦୮ଟି ଘୋଡ଼ାର ଏକ ପ୍ରତୀକାତ୍ମକ ଶୋଭାଯାତ୍ରା ହେବ, ଯାହା ବୀରତ୍ୱ ଏବଂ ବଳିଦାନକୁ ପ୍ରତିଫଳିତ କରିବ । ପରେ ଶ୍ରୀ ମୋଦି ସୋମନାଥ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହିତ ସୋମନାଥରେ ଏକ ସାର୍ବଜନୀନ ସମାରୋହରେ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରିବାର କାର୍ଯ୍ୟସୂଚୀ ରହିଛି ।

ଏଠାରେ ସୂଚନା ଦିଆଯାଇପାରେ, ୧୦୨୬ ଖ୍ରୀଷ୍ଟାବ୍ଦରେ ମହମ୍ମଦ ଗଜନୀଙ୍କ ସୋମନାଥ ମନ୍ଦିର ଆକ୍ରମଣର ୧ ହଜାରତମ ବାର୍ଷିକୀକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଆଜିଠାରୁ ତିନିଦିନିଆ ସୋମନାଥ ସ୍ୱାଭିମାନ ପର୍ବ ଆରମ୍ଭ ହୋଇଛି । ସ୍ୱାଧୀନତା ପରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ନେତୃତ୍ୱରେ ମନ୍ଦିରର ପୁନଃ ନିର୍ମାଣ କାର୍ଯ୍ୟ ଲାଗି ପ୍ରୟାସ ଆରମ୍ଭ କରାଯାଇଥିଲା । ୧୯୫୧ ମସିହାରେ ତତ୍କାଳୀନ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ଉପସ୍ଥିତିରେ ପୁନଃ ଉଦ୍ଧାରିତ ସୋମନାଥ ମନ୍ଦିରକୁ ଶ୍ରଦ୍ଧାଳୁଙ୍କ ଲାଗି ଆନୁଷ୍ଠାନିକ ଭାବେ ଖୋଲା ଯାଇଥିଲା । ଚଳିତ ବର୍ଷ ଏହି ଐତିହାସିକ ପୁନରୁଦ୍ଧାରର ୭୫ତମ ବାର୍ଷିକୀ ପାଳନ କରାଯାଉଛି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଆସନ୍ତା ରବିବାର ରାଜକୋଟ ଗସ୍ତ କରିବା ସହ କଚ୍ଛ ଓ ସୌରାଷ୍ଟ୍ର ଅଞ୍ଚଳ ଲାଗି ଭାଇବ୍ରାଣ୍ଟ ଗୁଜରାଟ ଆଞ୍ଚଳିକ ସମ୍ମିଳନୀକୁ ଉଦ୍‌ଘାଟନ କରିବା ସହିତ ଉପସ୍ଥିତ ସମାବେଶକୁ ସମ୍ବୋଧିତ କରିବେ । ଏହି ଆଞ୍ଚଳିକ ସମ୍ମିଳନୀ ମାଧ୍ୟମରେ କଚ୍ଛ ଓ ସୌରାଷ୍ଟ୍ର କ୍ଷେତ୍ରର ୧୨ଟି ଜିଲ୍ଲାର ନିବେଶ ଓ ଔଦ୍ୟୋଗିକ ବିକାଶକୁ ନୂତନ ଗତି ପ୍ରଦାନ କରିବାର ଲକ୍ଷ୍ୟ ରଖାଯାଇଛି । ଜାପାନ, ଦକ୍ଷିଣ କୋରିଆ, ରୁଆଣ୍ଡା ଓ ୟୁକ୍ରେନ୍ ଏହି ସମ୍ମିଳନୀରେ ଭାଗିଦାର ଦେଶ ଭାବେ ଅଂଶଗ୍ରହଣ କରୁଛନ୍ତି ।

# ରାଜନାଥ ଇ.ଭି. ପ୍ଲାଣ୍ଟ ଡେ

ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଭାରତ ଆତ୍ମନିର୍ଭର ପଥରେ ଅଗ୍ରସର ହେଉଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି । ଆଜି ତାଙ୍କ ନିର୍ବାଚନ ମଣ୍ଡଳୀ ଉତ୍ତର ପ୍ରଦେଶର ଲକ୍ଷ୍ନୌର ସରୋଜିନୀ ନଗରଠାରେ ବିଦ୍ୟୁତ୍‌ଚାଳିତ ମୋଟରଯାନ କାରଖାନାର ଶୁଭାରମ୍ଭ କରିବା ଅବସରରେ ସେ ଏହା କହିଛନ୍ତି । ଶ୍ରୀ ସିଂହ କହିଛନ୍ତି, ବ୍ୟବସାୟକୁ ଅଧିକ ସୁଗମ କରିବା ଉଦ୍ଦେଶ୍ୟରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଅନେକ ନିୟମର ସରଳୀକରଣ କରିବା ସହିତ ବିବିଧ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ଫଳରେ ନିବେଶକମାନଙ୍କୁ ଏ କ୍ଷେତ୍ରକୁ ଅଧିକରୁ ଅଧିକ ଆକୃଷ୍ଟ କରିବାରେ ସରକାର ସଫଳ ହୋଇଛନ୍ତି । ଗତ ଏକଦଶନ୍ଧି ମଧ୍ୟରେ ପ୍ରତିରକ୍ଷା କ୍ଷେତ୍ରରେ ରପ୍ତାନୀର ପରିମାଣ ମଧ୍ୟ ବହୁଗୁଣିତ ହୋଇଛି । ପୂର୍ବରୁ ଏହା ବାର୍ଷିକ ମାତ୍ର ୧ ହଜାର କୋଟି ଟଙ୍କା ଥିବାବେଳେ ବର୍ତ୍ତମାନ ପ୍ରାୟ ୨୫ ହଜାର କୋଟି ଟଙ୍କା ଛୁଇଁବାରେ ସକ୍ଷମ ହୋଇଛି । ୨୦୨୯-୩୦ ଆର୍ଥିକ ବର୍ଷ ସୁଦ୍ଧା ପ୍ରତିରକ୍ଷା କ୍ଷେତ୍ରର ରପ୍ତାନୀ ପରିମାଣ ୫୦ ହଜାର କୋଟି ଟଙ୍କା ଲକ୍ଷ୍ୟ ରଖାଯାଇଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି । ଏତଦ୍‌ବ୍ୟତୀତ ଦେଶରେ ପ୍ରତିରକ୍ଷା ଉତ୍ପାଦନ ୨୦୧୪ ମସିହାରେ ମାତ୍ର ୪୬ ହଜାର କୋଟି ଟଙ୍କା ଥିବାବେଳେ ସରକାରଙ୍କର ଏଭଳି

ରୂପାନ୍ତରୀକରଣ ପଦକ୍ଷେପ ଲାଗି ଏହି ପରିମାଣ ଦେଢ଼ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି ।

***Voice (Rajnath)*** :.......

## ଏମ୍.ଇ.ଏ. - ଇଣ୍ଡିଆ-ୟୁ.ଏସ୍.

ଭାରତ-ଆମେରିକା ମଧ୍ୟରେ ଏକ ଦ୍ୱିପକ୍ଷୀୟ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତା ହେବା ସପକ୍ଷରେ ପଦକ୍ଷେପ ନେବାଲାଗି ଉଭୟ ଦେଶ ପ୍ରତିଶ୍ରୁତିବଦ୍ଧ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି । ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟଶ୍ୱାଲ୍ ଆଜି ନୂଆଦିଲ୍ଲୀ ଗଣମାଧ୍ୟମକୁ ଏ ସମ୍ପର୍କର ସୂଚନା ଦେଇ କହିଛନ୍ତି, ଏକ ସନ୍ତୁଳିତ ତଥା ଆପୋଷ ସ୍ୱାର୍ଥସମ୍ବଳିତ ବାଣିଜ୍ୟ ରାଜିନାମା ଚୂଡ଼ାନ୍ତ କରିବା ଲାଗି ଦୁଇପକ୍ଷ ମଧ୍ୟରେ ଅନେକଥର ଆଲୋଚନା କରାଯାଇସାରିଛି ।  ଦୁଇଟି ବୃହତ୍ ଅର୍ଥ ବ୍ୟବସ୍ଥା ମଧ୍ୟରେ ଆପୋଷ ସ୍ୱାର୍ଥଜଡ଼ିତ ବାଣିଜ୍ୟ ଚୁକ୍ତି ସମ୍ପନ୍ନ କରିବା ଦିଗରେ ଭାରତ ମଧ୍ୟ ଆଗ୍ରହୀ ବୋଲି ଶ୍ରୀ ଜୟଶ୍ୱାଲ୍ କହିଛନ୍ତି । ଗତବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି' ଦୁଇଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା ଭାଗିଦାରୀ ତଥା ଅନ୍ୟାନ୍ୟ ପ୍ରସଙ୍ଗରେ ରାଷ୍ଟ୍ରପତି ଡୋନାଲ୍ଡ୍ ଟ୍ରମ୍ପଙ୍କ ସହ ୮ ଥର ଫୋନ୍ ଯୋଗେ ଆଲୋଚନା କରିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି ।

# ବୈଷ୍ଣବ - କ୍ରିଏଟର୍ସ କର୍ଣ୍ଣର୍

ପ୍ରସାର ଭାରତୀର ୱେଭ୍‌ସ ପ୍ଲାଟ୍‌ଫର୍ମ ବିଶ୍ୱସ୍ତରରେ ପ୍ରଶଂସିତ ହେବା ସହିତ ୫ ହଜାର କୋଟି ଟଙ୍କାର ଆନ୍ତର୍ଜାତିକ ବ୍ୟବସାୟ କରିପାରିଛି । ଆଜି ଦୂରଦର୍ଶନ ସମ୍ବାଦ ପକ୍ଷରୁ ଏକ ନୂତନ ପ୍ଲାଟ୍‌ଫର୍ମ 'କ୍ରିଏଟର୍ସ କର୍ଣ୍ଣର୍'ର ଶୁଭାରମ୍ଭ କରି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଏହି 'କ୍ରିଏଟର୍ସ କର୍ଣ୍ଣର' ମାଧ୍ୟମରେ ସୃଜନଶୀଳ ବିଷୟବସ୍ତୁକୁ ପ୍ରୋତ୍ସାହିତ କରିବା ଲାଗି ପ୍ରସାର ଭାରତୀ ଲକ୍ଷ୍ୟ ରଖିଛି । କ୍ରିଏଟର୍ସ ଅର୍ଥନୀତି ସହିତ ଏକକୋଟି ଯୁବବର୍ଗଙ୍କୁ ସଂଯୋଗ କରିବାଲାଗି ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

***Voice (Baishnav)*** *:........*

ଶ୍ରୀ ବୈଷ୍ଣବ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏ କ୍ଷେତ୍ରରେ ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହାର ଫଳସ୍ୱରୂପ ସୂଚନା ଓ ପ୍ରସାରଣ କ୍ଷେତ୍ର ବର୍ତ୍ତମାନ ଦେଶର ପ୍ରତ୍ୟେକ ନାଗରିକଙ୍କର ଜୀବନଶୈଳୀକୁ ପ୍ରଭାବିତ କରିବା ସହ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିପାରିଛି ।  ଏହି ସମାରୋହରେ ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏମ୍. ମୁରୁଗାନ୍ ଯୋଗଦେଇ ଏହି ପଦକ୍ଷେପ ଲାଗି ଦୂରଦର୍ଶନକୁ

ଅଭିନନ୍ଦନ ଜଣାଇବା ସହ ଦେଶର ଅର୍ଥନୀତି ଏହାଦ୍ୱାରା ଅଧିକ ସଶକ୍ତ ହୋଇପାରିବ ବୋଲସି ଆଶାବ୍ୟକ୍ତ କରିଛନ୍ତି ।

## ଗୋୟଲ୍ - ଇ.ୟୁ.

ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟଷ ଗୋୟଲ ଆଜି ବ୍ରସେଲ୍ସ୍‌ଠାରେ ୟୁରୋପୀୟ ସଂଘର ବାଣିଜ୍ୟ ଓ ଅର୍ଥନୈତିକ ସୁରକ୍ଷା କମିଶନର ମାରୋସ୍ ସେଫ୍‌କୋଭିକ୍’ଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଗୋୟଲ୍ କହିଛନ୍ତି, ଏହି ଆଲୋଚନା ହେଉଛି’ ଭାରତ ଓ ୟୁରେପୀୟ ସଂଘ ମଧ୍ୟରେ ଏକ ଆପୋଷ ସ୍ୱାର୍ଥଜନିତ ମୁକ୍ତ ବାଣିଜ୍ୟ ରାଜିନାମା ଚୂଡ଼ାନ୍ତ କରିବା ଦିଗରେ ଜାରି ରହିଥିବା ପ୍ରଚେଷ୍ଟାର ଏକ ଅଂଶସ୍ୱରୂପ । ପ୍ରସ୍ତାବିତ ରାଜିନାମାରେ ଯେଉଁସବୁ ପ୍ରମୁଖ କ୍ଷେତ୍ର ଉପରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି, ସେହିସବୁ ପ୍ରସଙ୍ଗ ଏହି ଆଲୋଚନାରେ ସ୍ଥାନ ପାଇଥିଲା ବୋଲି ଶ୍ରୀ ଗୋୟଲ କହିଛନ୍ତି । ସେ କହିଛନ୍ତି, କୃଷକ ଏବଂ ଏମ୍.ଏସ୍.ଏମ୍.ଇ. ଉଦ୍ୟୋଗୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏକ ଆଇନଭିତ୍ତିକ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ କରିବା ସହିତ ଆଧୁନିକ ଅର୍ଥନୈତିକ ଭାଗିଦାରୀ ନିର୍ବାହ କରିବା ଦିଗରେ ଉଭୟ ଦେଶ ନିଜର ପ୍ରତିବଦ୍ଧତା ଦୋହରାଇଛନ୍ତି । ଏତଦ୍‌ବ୍ୟତୀତ ଭାରତୀୟ

ଶିକ୍ଷାନୁଷ୍ଠାନଗୁଡ଼ିକୁ ବିଶ୍ୱ ଯୋଗାଣ ଶୃଙ୍ଖଳରେ ସାମିଲ୍ କରିବା ଦିଗରେ ମଧ୍ୟ ପ୍ରସ୍ତାବିତ ରାଜିନାମାରେ ଗୁରୁତ୍ୱାରୋପ କରାଯାଇଛି ।

## ଏମ୍.ଇ.ଏ. - ପ୍ରବାସୀ ଭାରତୀୟ ଦିବସ

ପ୍ରବାସୀ ଭାରତୀୟ ଦିବସ ଆଜି ଦେଶବ୍ୟାପୀ ପାଳନ କରାଯାଉଛି । ଜାତିର ଜନକ ମହାତ୍ମାଗାନ୍ଧି ଜାନୁୟାରୀ ୯ ତାରିଖ ଦିନ ଦକ୍ଷିଣ ଆଫ୍ରିକାରୁ ଭାରତ ପ୍ରତ୍ୟାବର୍ତ୍ତନ କରିଥିବାରୁ ଆଜିର ଦିନଟିକୁ ପ୍ରବାସୀ ଭାରତୀୟ ଦିବସ ରୂପେ ପାଳନ କରାଯାଇଥାଏ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି । ମନ୍ତ୍ରଣାଳୟ କହିଛି, ଭାରତ ଏବଂ ବିଶ୍ୱ ମଧ୍ୟରେ ପ୍ରବାସୀ ଭାରତୀୟମାନେ ଏକ ଜୀବନ୍ତ ସେତୁ ରୂପେ କାର୍ଯ୍ୟ କରିଥା'ନ୍ତି । ଦେଶର ପରମ୍ପରା, ଚିନ୍ତାଧାରା ତଥା ମୂଲ୍ୟବୋଧକୁ ବିଶ୍ୱ ସ୍ତରରେ ପହଞ୍ଚାଇବା ଦିଗରେ ସେମାନଙ୍କର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରବାସୀ ଭାରତୀୟଙ୍କୁ ଭାରତୀୟ ସଂସ୍କୃତିର ରାଷ୍ଟ୍ରଦୂତ ଭାବେ ଅଭିହିତ କରିଥିବା ଉକ୍ତି ଉପରେ ମନ୍ତ୍ରଣାଳୟ ପକ୍ଷରୁ ଆଲୋକପାତ କରାଯାଇଛି ।

# ଶାହା – ଏମ୍.ଆଇ.ଡି.ଏମ୍.ଏସ୍.

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ରାଷ୍ଟ୍ରୀୟ ଆଇ.ଇ.ଡି. ତଥ୍ୟ ପରିଚାଳନା ବ୍ୟବସ୍ଥା – ଏମ୍.ଆଇ.ଡି.ଏମ୍.ଏସ୍.ର ଶୁଭାରମ୍ଭ କରିଛନ୍ତି । ଆଭାସୀ ମାଧ୍ୟମରେ ଏହାର ଶୁଭାରମ୍ଭ କରି ଶ୍ରୀ ଶାହା କହିଛନ୍ତି, ଏହି ଜାତୀୟ ସ୍ତରୀୟ ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ଆଇ.ଇ.ଡି. ସମ୍ପର୍କିତ ତଥ୍ୟ ଆଦାନ ପ୍ରଦାନ ଅଧିକ ସୁଗମ ହୋଇପାରିବ । ଏତଦ୍‌ବ୍ୟତୀତ ଏହି ନୂତନ ବ୍ୟବସ୍ଥା ମାଧ୍ୟମରେ ଆଇନଶୃଙ୍ଖଳା ତଥା ସୁରକ୍ଷା ଓ ତଦନ୍ତ ଦାୟିତ୍ୱରେ ଥିବା ସଂସ୍ଥାଗୁଡ଼ିକ ମଧ୍ୟରେ ଆନ୍ତଃ ସମନ୍ୱୟ ଅଧିକ ସଶକ୍ତ ହୋଇପାରିବ । ଫଳରେ ଉପଯୁକ୍ତ ସ୍ଥାନରେ ସମୟୋପଯୋଗ ତଥ୍ୟ ପ୍ରଦାନ କରିବାରେ ସୁବିଧା ହେବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି ।

***Voice (Shah)*** :.........

# ଡବ୍ଲୁ.ପି.ଏଲ୍. କ୍ରିକେଟ୍

ମହିଳା ପ୍ରିମିୟର ଲିଗ୍ ୨୦୨୬ର ଚତୁର୍ଥ ସଂସ୍କରଣ ଆଜିଠାରୁ ଆରମ୍ଭ ହେଉଛି । ଆଜି ନବି ମୁମ୍ବାଇର ଡକ୍ଟର ଡି.ୱାଇ. ପାଟିଲ କ୍ରୀଡ଼ା ଏକାଡେମୀରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ମୁମ୍ବାଇ ଇଣ୍ଡିଆନ୍ସ

ମଧ୍ୟରେ ପ୍ରଥମ ମ୍ୟାଚ୍ ସଂଧ୍ୟା ୭ଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଖେଳାଯିବ । ମିଳିଥିବା ସୂଚନା ଅନୁଯାୟୀ  ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ମହିଳା ପ୍ରିମିୟର ଲିଗ୍‌ର ଏହି ସଂସ୍କରଣର ସମସ୍ତ ମ୍ୟାଚ୍ ନବି ମୁମ୍ବାଇର ଡକ୍ଟର ଡିଓ୍ୱାଇ ପାଟିଲ କ୍ରୀଡ଼ା ଏକାଡେମୀ ଏବଂ ଭଦୋଦରାସ୍ଥିତ ବିସିଏ ଷ୍ଟାଡିୟମରେ ଖେଳାଯିବ ।

*****